# କଳାହାଣ୍ଡି

ବୁଢା ସେଇଠି
ହେଲେ ବି
ତା' ଭାଉ କମିନି
ବିକେ ଯେଉଁଠି
ଆରମ୍ଭ ହୁଏ
ହାଟ ସେଇଠି
ଦେଲା ଆଉ
ନେଲା ବାଲାଂକ ॥୧

ବୁଢାକୁ ବିକିଲୁ
ଦୁର୍ଭିକ୍ଷ, ଅନାହାର
ପିଲାବିକ୍ରିରେ
ରାୟପୁରର
ନାଲି ବତୀ ଘରେ
ଦାମ କମିଲାନି
ଏଣୁ ବିକିଲୁ
ମାଇଗ୍ରେସନ୍, ଶିକ୍ଷା
ବେକାରୀ ନାମରେ
ସ୍ଲମ୍
ଝୁପୁଡି ବସ୍ତି ନାମରେ ॥୨

ବୁଢା ନା' ର କୁହୁକ
ଏମିତି ଯେ
ତାକୁ ନେଇ
ଗଢିଲୁ ସାହିତ୍ୟ
ଇଥୋପିଆ,
ସୋମାଲିଆ ସହ
କବିତା ରଚିଲୁ
ତା' ଛିଣ୍ଡା କନାରେ

ତା’ ଫଟୋ ବିକିଲୁ
ଚଢା ଦାମରେ
ସାମ୍ବାଦିକ ହେଲୁ
ବୁଢା ନା’ ରେ
ନା’ କମେଇଲୁ
ସାରା ବିଶ୍ୱରେ ।।୩

ବାକି ସବୁତକ
ବୁଢାର ନାମରେ
ଏନ୍‌ଜିଓ ପାଇଲେ
ଧନ୍ଦା, ମଂତର
ଚାଷୀ ପାଇଲେ
ଋଣ, ବାହାଘର ଖର୍ଚ୍ଚ
ଦପ୍ତର ପାଇଲେ ଉତ୍କୋଚ
ମାଛ ତେଲର
ଭଜା ମାଛ
ନେତା ଗଣିଲେ ଭୋଟ
ଖଦି ବଦଳେ
ସୁନେଲୀ କୋଟ ।।୪

ଯାହା ବାକି ରଖିଲୁ
ବୁଢା ପେଟରେ ଫକନ୍ତା
ଧାନ କିଆରୀ
ମଥା ଉପର
ଘନ କନ୍ଦୁପତ୍ର,
ମହୁଲ
ଛାତି ଭିତର
ସବୁଜ ବଣ,
ପାହାଡ
ଅଂଟାର ଚପଳ
ଝରଣା ।।୫

ପୁଣି
ବାଦ ଦେଇଲୁ
ତା’ ଘୁଙ୍ଗୁର ପାଦ
ଘୁମୁରା ତାଳ
ମହୁରୀ ଶ୍ୱାସ
ତାଲଖାଇ ସୁର
ପିଲାଦିନର
ପୁରାତତ୍ତ୍ୱ, ମନ୍ଦିର
ନିତିଦିନର
କୁଣାବୋରି
ଛତର ଯାତରା  ।।୬

ପଇଁତିରିଶ
ବର୍ଷକାଳ
ଏମିତି କିଣାବିକା
କଲା ପରେବି
ବୁଢା ଯେଉଁଠି
ଠିକ୍ ସେଇଠି  ।।୭
।। ଦଣ୍ଡାୟମାନ ।।

ଦିଗମ୍ବର ପାତ୍ର